## ସଂକ୍ଷେପରେ

### ବଜ୍ରପାତରେ ୩ ଗୋରୁ ମୃତ

ଚନ୍ଦ୍ରପୁର,୨୦।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡ଼ିବାଲି ପଞ୍ଚାୟତ ପୁକେରା ଗ୍ରାମରେ ସୋମବାର ବଜ୍ରପାତରେ ୩ ଗୋରୁଙ୍କ ମୃତ୍ୟୁ ଘଟିଛି। ଗାଁର ପେଦାର ଗୁଲୁଡୁକା, ସୁନାଧର ଗୁଲୁଡୁକା, ରମେଶ ଗୁଲୁଡୁକାଙ୍କ ଗୋରୁ ନିକଟସ୍ଥ ଜଙ୍ଗଲକୁ ଚରିବାକୁ ଯାଇଥିବାବେଳେ ବଜ୍ରପାତରେ ମୃତ୍ୟୁ ଘଟିଥିବା ବୁଡ଼ିବାଲି ସରପଞ୍ଚ ଭୀମ ଗଗେରଙ୍ଗା ସୂଚନା ଦେଇଛନ୍ତି। ଏ ନେଇ ସ୍ଥାନୀୟ ଆର୍‌ଆଇଙ୍କୁ ସୂଚନା ଦିଆଯାଇଥିବା ସେ କହିଛନ୍ତି। ସେହିପରି ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରାଯିବ ବୋଲି ଆର୍‌ଆଇ ବାପୁନ୍ ବେହେରା କହିଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

କୋଷାଗୁମୁଡ଼ା ୨୦।୬(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ରାଜୋଡା ପଞ୍ଚାୟତ କୁସୁମପାଲୀ ଗ୍ରାମରେ ସୋମବାର କୀଟନାଶକ ପିଇ ଜଣେ ମହିଳାଙ୍କ ମୃତ ହୋଇଛି । ସେ ହେଲେ ସୁକମତି ଭତରା (୫୫)। ସୂଚନାନୁଯାୟୀ ମୃତ ମହିଳା ଜଣକ ଘରୁ କିଛି ସମୟ ପାଇଁ ବାହାରକୁ ଯାଇ ଫେରି ଆସିଥିଲେ। ଏହି ସମୟରେ ତାଙ୍କ ପରଟିରୁ ଫେଣ ବାହାରୁଥିବା ଦେଖି ପରିବାର ଲୋକେ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ କେସ୍ ନଂ ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ବଜ୍ରପାତରେ ୩ ବଳଦ, ୧ ଗାଈ ମୃତ

ଝରିଗାଁ/ ଚନ୍ଦାହାଣ୍ଡି, ୨୦।୬ (ସ୍ୱ.ପ୍ର./ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ସୋରିପଡା ଗ୍ରାମରେ ସୋମବାର ଅପରାହ୍ନରେ ବଜ୍ରାଘାତରେ ବିଶେଶ୍ୱର ଧରୁଆଙ୍କ ଦୁଇଟି ବଳଦଙ୍କର ମୃତ୍ୟୁ ଘଟିଛି। ବିଶେଶ୍ୱର ଜମିରେ ଚାଷ କରିବାକୁ ବଳଦମାନଙ୍କୁ ସାଙ୍ଗରେ ନେଇ ଯାଇଥିଲେ। ଏହି ସମୟରେ ବର୍ଷା ହୋଇଥିଲା। ସେ ବଳଦଙ୍କ ବେକରୁ ଲଙ୍ଗଳ କାଢି ଦେଇଥିଲେ। ବଳଦ ଦୁଇଟି ଗୋଟିଏ ଗଛ ନିକଟକୁ ଯାଇଥିଲେ। ସେହି ସମୟରେ ବଜ୍ରପାତ ଘଟି ବଳଦ ୨ଟିଙ୍କର ମୃତ୍ୟୁ ହୋଇଛି। ସେହିଭଳି ଚନ୍ଦାହାଣ୍ଡିରେ ବଜ୍ରପାତରେ ଭାଟିପଡା ଗ୍ରାମର ମୋହନ ସାହୁଙ୍କ ଗୋଟିଏ ବଳଦ ଏବଂ ନାର୍ଭିକ କଟାଙ୍କ ଗୋଟିଏ ଗାଈଙ୍କର ମୃତ୍ୟୁ ହୋଇଛି। ଉଭୟ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

### ଦିନ ଦ୍ୱିପ୍ରହରରେ ରାସ୍ତା ଉପରେ ବୁଲୁଛି ଭାଲୁ

ନନ୍ଦାହାଣ୍ଡି,୨୦।୬(ଡି.ଏନ.ଏ) ନନ୍ଦାହାଣ୍ଡି ବ୍ଲକ ମେଣ୍ଟରୀ ପଞ୍ଚାୟତ ପଠାଣଗୁଡା ଛକ ନିକଟରେ ଏକ ଭାଲୁ ବୁଲୁଛି। ଆମ୍ବ, ପଣସ ଏବଂ କାଜୁର ଅଭାବ ପରେ ଭାଲୁ ଖାଦ୍ୟ ଅନ୍ୱେଷଣ ରାସ୍ତା ଉପରକୁ ଆସିବାରେ ଲାଗିଛନ୍ତି। ଭାଲୁ ବିଶେଷ ଭବେ ରାତିରେ ଚଳପ୍ରଚଳ କରୁଥିବା ବେଳେ ବର୍ତ୍ତମାନ କିନ୍ତୁ ସ୍ୱଷ୍ଟ ଦିବାଲୋକରେ ବୁଲୁଛନ୍ତି। ତାହାର ଭିଡ଼ିଓ କରିବା ପାଇଁ ଲୋକଙ୍କ ଭିଡ଼ ଜମୁଛି। ଏହି ସମୟରେ ଭାଲୁ ଲୋକମାନଙ୍କୁ ଆକ୍ରମଣ କରିବାର ଆଶଙ୍କା ରହିଛି। ପୂର୍ବରୁ ଏଭଳି ଖବର ପ୍ରସାରଣ ପରେ ଏକମ୍ବା ଗ୍ରାମରେ କେତେଜଣ ଲୋକ ଏ ନେଇ ସଚେତନ କରୁଛନ୍ତି। କିନ୍ତୁ ବନ ବିଭାଗ ଚୁପ୍ ବସିଛି। ତେଣୁ ଲୋକଙ୍କୁ ସଚେତନ କରିବା ଦିଗରେ ବନ ବିଭାଗ ପଦକ୍ଷେପ ନିଅନ୍ତୁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ଉତ୍ତ୍ୟକ୍ତ ଆଦିବାସୀଙ୍କ ଥାନା ପରିସରରେ ଭଙ୍ଗାରୁଜା

■ ଜିଲା କଂଗ୍ରେସ ପକ୍ଷରୁ ବିଶାଳ ପ୍ରତିବାଦ ଶୋଭାଯାତ୍ରା, ସଭା
■ ଗାଁରେ ପଶି ମହିଳାଙ୍କୁ ମାଡ଼ ଘଟଣା, ଏସ୍‌ଡିପିଓଙ୍କ ବଦଳି ଦାବି

ଚିତ୍ରକୋଣ୍ଡା/ମାଲକାନଗିରି, ୨୦।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଆରଏସ୍‌ସି-୧୩ ଗ୍ରାମରେ ଗଞ୍ଜେଇ ଜବତ ଘଟଣାରେ ପୋଲିସ ଗାଁରେ ପଶି ମହିଳାମାନଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ଘଟଣା ସମେତ ୧୫ ଦଫା ଦାବି ନେଇ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଏକ ପ୍ରତିବାଦ ଶୋଭାଯାତ୍ରା ଏବଂ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଯୁବ ସଭାପତି ମଙ୍ଗୁ ଖିଲ, କଂଗ୍ରେସ କର୍ମୀ ଶରତ ବୁରୁଦା, ଚିତ୍ରକୋଣ୍ଡା ବ୍ଲକ କଂଗ୍ରେସ ସଭାପତି ବିଦେଶୀ ଗୌଡ଼ଙ୍କ ସମେତ ବହୁ ଦଳୀୟ ନେତା ଏବଂ ଚିତ୍ରକୋଣ୍ଡା ବ୍ଲକର ୫ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ଗ୍ରାମବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବିଶାଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ସମୟରେ ଗ୍ରାମବାସୀ ଥାନା ପରିସରକୁ ଧସେଇ ପଶି ଭଙ୍ଗାରୁଜା କରିଥିଲେ।

ପ୍ରଥମେ ହାଟପଦାରୁ ଏକ ବିରାଟ ଶୋଭାଯାତ୍ରାରେ ବହାରି ବ୍ଲକ ନିକଟସ୍ଥ ପଡ଼ିଆଠାରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ସ୍ୱାଭିମାନ ଅଞ୍ଚଳବାସୀ ଏବେ ମଧ ମୌଳିକ ସୁବିଧାରୁ ବଞ୍ଚିତ ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା।


କଂଗ୍ରେସର ପ୍ରତିବାଦ ସଭାରେ ସାମିଲ ହୋଇଥିବା ଆଦିବାସୀ ଗ୍ରାମବାସୀ।

ପ୍ରତ୍ୟେକ ପଞ୍ଚାୟତରେ ଜଳସେଚନର ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, କଂକ୍ରିଟ ରାସ୍ତା ଓ ଷ୍ଟ୍ରିଟ୍ ଲାଇଟର ବ୍ୟବସ୍ଥା, ଦିବ୍ୟାଙ୍ଗଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ନିମ୍ନମାନର କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ, ଘରଡିହ ଓ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ପୋଲିସର ଜୁଲମ ଓ ନିର୍ଯାତନା ବନ୍ଦ କରିବା, ଜବ୍‌କାର୍ଡଧାରୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଯୋଗାଇବା ଭାଙ୍ଗା ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍କୁଲର ମରାମତି, ପ୍ରତ୍ୟେକ ପଞ୍ଚାୟତରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏବଂ ଆରଏସ୍‌ସି ୧୩ ଗ୍ରାମର ମହିଳାମାନଙ୍କୁ ପୋଲିସ ମାଡ଼ ମାରିବା ଘଟଣାରେ ଚିତ୍ରକୋଣ୍ଡା ଏସ୍‌ଡିପିଓଙ୍କୁ ବଦଳି ଦାବି କରାଯାଇଥିଲା। ଏ ନେଇ ଏକ ଦାବିପତ୍ର ଚିତ୍ରକୋଣ୍ଡା ବିଡିଓ ରଘୁନାଥ ମୁଣ୍ଡାରୀଙ୍କୁ ପ୍ରଦାନ କରିଥିଲେ।

ତେବେ ସଭା ଚାଲିଥିବାବେଳେ ଅସ୍ତ୍ରଶସ୍ତ୍ର ଧରି ଏକାଠି ହୋଇଥିବା ଆଦିବାସୀ ମହିଳା ଏବଂ ପୁରୁଷ ଉତ୍ତ୍ୟକ୍ତ ହୋଇ ଚିତ୍ରକୋଣ୍ଡା ଏସ୍‌ଡିପିଓଙ୍କ ବଦଳି ଦାବି କରିବା ସହ ଚିତ୍ରକୋଣ୍ଡା ଥାନା ପରିସରକୁ ଧସେଇ ପଶିଥିଲେ। ଥାନା ଆଗରେ ଥିବା ବୋଲେରୋକୁ ଭଙ୍ଗାରୁଜା କରିଥିଲେ। ପରେ ଥାନା ପରିସରରେ ଲାଗିଥିବା ସିସିଟିଭି କ୍ୟାମେରା ଏବଂ ଲାଇଟ୍ ଭଙ୍ଗାରୁଜା କରିଥିଲେ। ତେବେ ଥାନା କାର୍ଯ୍ୟାଳୟ ଭିତରେ ପଶିବାକୁ ଉଦ୍ୟମ କରିଥିଲେ ମଧ ପଶିପାରି ନ ଥିଲେ।


ଗ୍ରାମବାସୀ ଭାଙ୍ଗିଦେଇଥିବା ପୋଲିସ ଗାଡ଼ି।

ଖବର ପାଇ ଚିତ୍ରକୋଣ୍ଡା ତହସିଲଦାର ଡି. ପଦ୍ମନାଭ ଦୋରା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରଥିଲେ। କଂଗ୍ରେସ ନେତାମାନେ ମଧ ଗ୍ରାମବାସୀଙ୍କୁ ଭଙ୍ଗାରୁଜା କରିବା ସମୟରେ ଅଟକାଇଥିଲେ। ସୂଚନଯୋଗ୍ୟ, ଜୁନ୍ ୬ ରାତିରେ ଗଞ୍ଜେଇ ଜବତ ନାଁରେ ପୋଲିସ ଆର୍‌ଏସ୍‌ସି-୧୩ ଗାଁରେ ପଶି ମହିଳାମାନଙ୍କୁ ମାଡ଼ ମରିଥିବା ଅଭିଯୋଗ ହୋଇଥିଲା। ତେବେ ଗଞ୍ଜେଇ ଛାଡ଼ିଦେବାକୁ ଗ୍ରାମବାସୀ କହିଥିବାବେଳେ ତାହା ନ କରି ଗ୍ରାମବାସୀଙ୍କୁ ଗିରଫ କରାଯିବାରୁ ଏଭଳି ମିଥ୍ୟା ଅଭିଯୋଗ ହୋଇଥିବା ପୋଲିସ ସେ ସମୟରେ କହିଥିଲା।

# ଅଭିଯୁକ୍ତ ଶିକାରୀଙ୍କୁ ୧୦ ବର୍ଷ ଜେଲ୍

**ବନ୍ଧୁକରୁ ଗୁଳିଫୁଟି ଯୁବକଙ୍କ ମୃତ୍ୟୁ ଘଟଣା**

ଗୁଣପୁର,୨୦।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତ ଫୁଲପୁଟି ଜଙ୍ଗଲରେ ୨୦୧୬ରେ ଶିକାରୀଙ୍କ ଗୁଳିରେ ସାଥୀରେ ଯାଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସୋମବାର ଏଡିଜେ କୋର୍ଟରେ ରାୟ ପ୍ରକାଶ ପାଇଛି। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ଗୋପବନ୍ଧୁ ପଣ୍ଡୁ ସାହୁଙ୍କୁ ୧୦ ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଅର୍ଥ ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବେ ବୋଲି ଏଡିଜେ ମାନସ ରଞ୍ଜନ ରଥ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ପାଇଁ ଗଣେଶ ସାହୁ ଏବଂ ସରକାରଙ୍କ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ସାହୁ ମାମଲା ପରିଚାଳନା କରୁଥିଲେ।

ମାମଲାରୁ ଜଣାଯାଏ, ୨୦୧୬ ନଭେମ୍ବର ୧୭ରେ ଗୋପବନ୍ଧୁ ପଣ୍ଡୁ ସାହୁ ଦେଶୀ ବନ୍ଧୁକ ଧରି ଫୁଲପୁଟି ଗାଁର ନୀଳକଣ୍ଠ ଶବରଙ୍କୁ ସାଙ୍ଗରେ ନେଇ ଶିକାର ପାଇଁ ଜଙ୍ଗଲକୁ ଯାଇଥିଲେ। ନୀଳକଣ୍ଠ ଆଗରେ ରହି ଗଛ ଉପରକୁ ଟର୍ଚ୍ଚ ଦେଖାଇ ଯାଉଥିଲେ। ଏହି ସମୟରେ ପଛରେ ଚାଲୁଥିବା ଗୋପବନ୍ଧୁଙ୍କ ପାଦ ପଥରରେ ପଡ଼ିଯିବାରୁ ତଳେ ପଡ଼ି ଯାଇଥିଲେ। ଫଳରେ ସେ ଧରିଥିବା ବନ୍ଧୁକର ଟ୍ରିଗର୍‌ରେ ହାତ ବାଜି ଫୁଟି ଯାଇଥିଲା। ଆଗରେ ଚାଲୁଥିବା ନୀଳକଣ୍ଠଙ୍କ ଦେହରେ ଗୁଳି ବାଜିଥିଲା। ଗୋପବନ୍ଧୁ ତାଙ୍କୁ ବୋହି ଗାଁକୁ ନେବାପରେ ଗୁଣପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନୀଳକଣ୍ଠଙ୍କ ବଡ଼ଭାଇ ବୁଢ଼ଙ୍କ ଅଭିଯୋଗ କ୍ରମେ ପୁଟାସିଂ ଥାନାରେ ୨୦/୨୦୧୬ ରେ ଏକ ମାମଲା ରୁଜୁ କରାଯାଇଥିଲା। ନଭେମ୍ବର ୧୯ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଗୁଣପୁର ଏସଡିଜେଏମ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ୨୦୧୭ ଜାନୁୟାରୀ ୧୪ରେ ସେ ଜାମିନରେ ଆସିଥିଲେ। ରାୟ ପ୍ରକାଶ ପାଇବା ପରେ ଅଭିଯୁକ୍ତଙ୍କୁ ଗୁଣପୁର ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଗୁଣପୁର ଲ୍ୟାମ୍ପ୍ସ ସଭାପତି ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

**୯ ଜୋନ୍‌ର ବିଜୟୀ ପ୍ରାର୍ଥୀଙ୍କୁ ନେଇ ଟଣାଓଟରା**

ଗୁଣପୁର,୨୦।୬(ଡି.ଏନ୍.ଏ.)-

ରାୟଗଡ଼ା ଜିଲା ଗୁଣପୁର ଲ୍ୟାମ୍ପ୍ସ ନିର୍ଦ୍ଦେଶକ ପଦ ପାଇଁ ଭୋଟ ଗ୍ରହଣ ସହ ଫଳାଫଳ ଘୋଷଣା ରବିବାର ସରିଛି। ସୋମବାର ସଭାପତି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜୁଲାଇ ୫ ରେ ନିର୍ବାଚନ ହେବ। ଏଥିଲାଗି ଜୁନ୍ ୩୦ରେ ନାମାଙ୍କନପତ୍ର କ୍ରୟ, ଦାଖଲ, ଯାଞ୍ଚ ,ଆପତ୍ତି ଅଭିଯୋଗ ଶୁଣାଣି, କାଏମ ପ୍ରାର୍ଥି ତାଲିକା ପ୍ରକାଶ, ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ଚୁଡ଼ାନ୍ତ ତାଲିକା ପ୍ରକାଶ ଭଳି ନିର୍ବାଚନ କାର୍ଯ୍ୟସୂଚୀ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରକାଶ ପାଇଛି। ଆବଶ୍ୟକ ସ୍ଥଳେ ୫ ତାରିଖ ପୂର୍ବାହ୍ନ ୧୦ଟାରୁ ୧୨ ଟା ମଧରେ ଭୋଟଗ୍ରହଣ ହେବ। ଭୋଟ ସରିବା ପରେ ଗଣତି ଏବଂ ଫଳାଫଳ ପ୍ରକାଶ ପାଇବ ବୋଲି କାର୍ଯ୍ୟସୂଚୀ ରହିଛି। ରବିବାର ନିର୍ଦ୍ଦେଶକ ପଦର ଫଳାଫଳ ପ୍ରକାଶ ପାଇଥିଲା। ହେଲେ ଏବେ ୯ ନଂ. ଜୋନ୍‌ର ନିର୍ବାଚନ ଫଳାଫଳ ପରେ ବିଜୟୀ ପ୍ରାର୍ଥି କାହାର ଏବେ ତାହାକୁ ନେଇ ଟଣାଓଟରା ଆରମ୍ଭ ହୋଇଛି।

୧୫ଟି ଜୋନ୍‌ରୁ ୧୪ ଟି ଜୋନ୍‌ରେ ଶିବ ପ୍ରସାଦ ଗୌଡ଼ଙ୍କ ସମର୍ଥିତ ପକ୍ଷୀ ଚିହ୍ନର ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ସେହିପରି ୯ ନଂ. ଜୋନ୍‌ରେ ପଇଡ଼ ଚିହ୍ନରେ ବିଜୟୀ ଗୌରି ଦାସଙ୍କ ସମର୍ଥିତ ପ୍ରାର୍ଥି ବିଜୟୀ ହୋଇଥିଲେ। ତେବେ ଏହାକୁ ନେଇ ଏବେ ଶିବ ଗୌଡ଼ ଏବଂ ଗୌରି ଦାସଙ୍କ ମଧରେ ଟଣାଓଟରା ପରିସ୍ଥିତି ସୃଷ୍ଟି ହୋଇଛି। ଶିବ ଗୌଡ଼ଙ୍କ ପ୍ରାର୍ଥିଙ୍କ ନାମାଙ୍କନ ପତ୍ର ନାକଚ ହୋଇଯିବା ପରେ ସେ ଏହି ଜୋନ୍‌ର ପ୍ରାର୍ଥି ଥିବା ରାଜି ପିଡିକାକାଙ୍କୁ ସମର୍ଥନ କରି ପ୍ରଚାର କରିଥିଲେ। ତେଣେ ସେ ମୋର ବିଜୟୀ ପ୍ରାର୍ଥି ବାଲି ଦାବି କରିଛନ୍ତି। ଅନ୍ୟପଟେ ଗୌରି ଦାସଙ୍କ ଦାବି ହେଲା, ସେ ମୋ ସମର୍ଥିତ ପଇଡ଼ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତାଙ୍କ ପାଇଁ ମୁଁ ମଧ ପ୍ରଚାର କରିଥିଲି ଏବଂ ସେ ବିଜୟୀ ହୋଇଥିଲେ। ତେଣୁ ସେ ମୋର ବିଜୟୀ ପ୍ରାର୍ଥି ବୋଲି ଗୌରି ଦାବି କରିଛନ୍ତି। ସୂଚନାଯୋଗ୍ୟ ୯ ନଂ. ଜୋନ୍‌ରେ ୨ ଜଣ ପ୍ରାର୍ଥି ଥିଲେ। ରାଜି ପିଡିକାକା ୪୬ ଖଣ୍ଡ ଭୋଟ ପାଇଥିବାବେଳେ ସରସ୍ୱତୀ ଗମାଙ୍ଗ ୧୨ ଖଣ୍ଡ ଭୋଟ ପାଇଥିଲେ।

# ଶୀଘ୍ର ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିର୍ଦ୍ଦେଶ



ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

■ କାଶୀପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି
■ ରାୟଗଡ଼ା ଜିଲା ପ୍ରଶାସନ ତରଫରୁ କାଶୀପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଟିକିରି/ରାୟଗଡ଼ା ଅଫିସ, ୨୦।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ କାଶୀପୁର ବ୍ଲକରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ର, ଏସ୍‌ପି ବିବେକାନନ୍ଦ ଶର୍ମା, ଡିଆର୍‌ଡିଏ ପିଡି ରବିନାରାୟଣ ତ୍ରିପାଠୀ, ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର, ସିଡିଏମ୍‌ଓ ଲାଲମୋହନ ରାଉତରାୟ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ, ରାୟଗଡ଼ା ଆଇଟିଡିଏ ପିଏ ପଦ୍ମଚରଣ ନାୟକ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, କାଶୀପୁର ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଗଣେଶ ସାମନ୍ତରାୟ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ ଚାଲୁକାନ୍ତି ତାଜନ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, କାଶୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ କଣ୍ଠ ମାଝି, କାଶୀପୁର ବିଡିଓ ଦେବାଶିଷ କର, ସହକାରୀ ଜିଲା ଯୋଗାଣ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, କାଶୀପୁର ଅତିରିକ୍ତ ତହସିଲଦାର, ଭାରପ୍ରାପ୍ତ ଅବକାରୀ ଅଧିକାରୀ ସୂର୍ଯ୍ୟନାରାୟଣ ରଥ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟ ୧୨୦ ଅଭିଯୋଗ ଆଗତ ହୋଇଥିଲା। ଜଣେ ବ୍ୟକ୍ତିଙ୍କୁ ରେଡ୍‌କ୍ରସରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ଅଭିଯୋଗଗୁଡ଼ିକର ବିଚାର କରି ଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ଡମ୍ଫରକୁ ପିଟିଲା ବାଇକ୍, ଜଣେ ଗୁରୁତର

ବୈପାରୀଗୁଡ଼ା, ୨୦।୬(ଡି.ଏନ୍.ଏ.)

ବୈପାରୀଗୁଡା ଥାନା ଅଧୀନ ରାମଗିରୀ ତାରିଣି ଛକ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ସୋମବାର ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଆହାତ ଜଣକ ହେଲେ ରାମଗିରୀ ପଞ୍ଚାୟତ ବଡପଡା ଗ୍ରାମର ଅଦିଆ ନାୟକ (୩୫)। ବାଇକ୍‌ରେ ଗଲାବେଳେ ସମ୍ମୁଖରେ ଥିବା ଏକ ଡମ୍ଫରକୁ ସାମନାପଟୁ ପିଟିଥିଲେ। ସେ ବାଇକ୍ ସହ ତଳେ ପଡିଯାଇଥିବା ବଳେ ତାଙ୍କ ମୁଣ୍ଡଫାଟି ରକ୍ତସ୍ରାବ ହୋଇଥିଲା। ତାଙ୍କୁ ସ୍ଥାନୀୟ ରାମଗିରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### କେ.ନୂଆଗାଁ ଥାନା ଅଞ୍ଚଳରେ ଚୋରି

ଚିକିଟି,୨୦।୬(ଡି.ଏନ.ଏ.)

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ କେ.ନୂଆଗାଁ ଥାନା ବିରସିଂହଲକ୍ଷ୍ମୀନାରାୟଣପୁର ଗ୍ରାମରେ ରବିବାର ମଧ୍ୟରାତିରେ ଜଣଙ୍କ ଘରେ ପଶି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଗ୍ରାମର ବିଘ୍ନେଶ୍ୱର ପାଣିଗ୍ରାହୀଙ୍କ ପରିବାର ଶୋଇଥିବା ବେଳେ ଦୁର୍ବୃତ୍ତ ବାଡିପଟୁ କବାଟ ଭାଙ୍ଗି ଆଲମିରାରେ ରଖାଯାଇଥିବା ପ୍ରାୟ ଦେଢ଼ତୁଳା ସୁନାର ଅଳଙ୍କାର, ଆଠ ତୁଳା ରୁପାର ଅଳଙ୍କାର, ୧୦ ହଜାର ଟଙ୍କା ସମେତ ୨୫ ଖଣ୍ଡ ଲୁଗା ଚୋରି କରି ଫେରାର ହୋଇଯାଇଛନ୍ତି । ସେହିପରି ଉକ୍ତ ଗ୍ରାମର ଆପନା ପ୍ରଧାନଙ୍କ ପରିବାର ଶୋଇଥିବା ବେଳେ ଦୁର୍ବୃତ୍ତ ବାଡିପଟୁ ପ୍ରଥମ କବାଟ ଓ ଦ୍ୱିତୀୟ କବାଟ ଭାଙ୍ଗି ଚୋରି କରିବା ପାଇଁ ଉଦ୍ୟମ କରୁଥିବା ବେଳେ ହଠାତ ପରିବାରର ଜଣେ ଆସି ଦେଖିଲା ବେଳକୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ସୋମବାର ପାଣିଗ୍ରାହୀଙ୍କ ପକ୍ଷରୁ କେ.ନୂଆଗାଁ ଥାନାରେ ଅଭିଯୋଗ ହେବାପରେ ପୋଲିସ୍, ସାଇଣ୍ଟିଫିକ ଟିମ ଏବଂ ସନ୍ଧାନି କୁକୁର ଆସି ତଦନ୍ତ କରି ଫେରିଛି ।

# ଅସମ୍ପୂର୍ଣ୍ଣ କାର୍ଯ୍ୟ ଶୀଘ୍ର ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ମାଲକାନଗିରି,୨୦।୬(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ଅନ୍ୟମାନେ ।

**ମାଲକାନଗିରିରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା**

ରାଜ୍ୟ ଷ୍ଟିଲ, ଖଣି, ଗୃହ ଓ ରାସ୍ତା ନିର୍ମାଣ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସୋମବାର ଦିନିକିଆ ମାଲକାନଗିରି ଗସ୍ତରେ ଆସି ଜିଲା ସଦର ସ୍ଥିତ ଡିଆରଡିଏ ସମ୍ମିଳନୀ କକ୍ଷରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ପୌରାଧକ୍ଷ ମନୋଜ ବାରିକ, ଜିଲାପାଳ ବିଶାଳ ସିଂ, ବିଶ୍ୱବ୍ୟାଙ୍କ ପ୍ରକଳ୍ପ ରାଜ୍ୟ ମୁଖ୍ୟଯନ୍ତ୍ରୀ ରାମକୃଷ୍ଣ ମହାରଣା, ନିର୍ମାଣ ବିଭାଗ ମୁଖ୍ୟ ଯନ୍ତ୍ରୀ ବଶିଷ୍ଟ ପଟ୍ଟନାୟକଙ୍କ ସମେତ ମାଲକାନଗିରି ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ନିରନ ଜେନା, ଜାତୀୟ ରାଜପଥ ମୁଖ୍ୟ ଯନ୍ତ୍ରୀ ଏବଂ ଅନ୍ୟ ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ। ବିଶେଷ କରି ଜିଲାର ବିକାଶ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ଅର୍ଥକୁ କିପରି ବିନିଯୋଗ କରାଯାଉଛି, ରାସ୍ତା, ପୋଲ, ଗୃହ ନିର୍ମାଣ କାର୍ଯ୍ୟ କେତେ ସମ୍ପୂର୍ଣ୍ଣ ହୋଇଛି, ଅଟକଳ ଅର୍ଥ କେତେ ଖର୍ଚ୍ଚ ହୋଇଛି ସେ ବିଷୟରେ ସମୀକ୍ଷା କରିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟ ଶୀଘ୍ର ସାରିବାକୁ ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

### ବଜ୍ରପାତରେ ୨୧ ଛେଳି ମୃତ

ଛତ୍ରପୁର/ ପାତ୍ରପୁର, ୨୦।୬(ଡି.ଏନ୍.ଏ.): ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ୨୧ ଛେଳିଙ୍କ ମୃତ୍ୟୁ ହୋଇଛି। ଛତ୍ରପୁର ବ୍ଲକ ସୁନ୍ଦରପୁର ଗାଁରେ ମୁସୁଦୁ ବିଷୋୟୀଙ୍କ ୧୬ଟି ଛେଳି ମୃତ୍ୟୁ ହୋଇଛି। ଫଳରେ ତାଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ପ୍ରତିଦିନ ଭଳି ମୁସୁଦୁ ଛେଳି ଚରାଇବାକୁ ଗାଁ ନିକଟ ପାହାଡ ତଳକୁ ଯାଇଥିଲେ। ତେବେ ହଠାତ୍ ଘଡଘଡି ସହ ବର୍ଷା ଏବଂ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୧୨ଟି ଓ ପରେ ଅନ୍ୟ ୪ଟି ଛେଳି ମୃତ୍ୟୁ ହୋଇଥିଲା। ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଏ ସମ୍ପର୍କରେ ଖବର ଦିଆଯାଇଛି । ମୁସୁଦୁଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି ।

### ବଜ୍ରପାତରେ ନବ ବିବାହିତ ଯୁବକଙ୍କ ମୃତ୍ୟୁ

ରାୟଗଡ଼ା ଅଫିସ,୨୦।୬

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ କେଉଟଗୁଡ଼ା ଗ୍ରାମରେ ସୋମବାର ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ବାଲିଙ୍ଗି କରକରିଆଙ୍କ ଦ୍ୱିତୀୟ ପୁଅ ରୋହିଦାସ କର କରିଆ (୨୯) । ରୋହିଦାସ ଅପରାହ୍ନରେ ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ହଠାତ ବର୍ଷା ଆସିଥିଲା। ବଜ୍ରପାତରେ ରୋହିଦାସ ରାସ୍ତାରେ ଛଟପଟ ହେଉଥିବାବେଳେ ପରିବାର ଲୋକେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୋହିଦାସ କିଛିଦିନ ତଳେ ବିବାହ କରିଥିଲେ। ରୋହିଦାସଙ୍କ ମୃତ୍ୟୁରେ ପରିବାର ସମେତ ଅଞ୍ଚଳବାସୀଙ୍କ ମଧରେ ଶୋକର ଛାୟା ଖେଳିଯାଇଛି।

# ମାଲକାନଗିରିରେ ଶିଶୁଙ୍କ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ଥାନା

ମାଲକାନଗିରି,୨୦।୬(ଡି.ଏନ୍.ଏ.)

ମାଲକାନଗିରି ଆଦର୍ଶ ଥାନା ପରିସରରେ ଶିଶୁଙ୍କ ନିମନ୍ତେ ବନ୍ଧୁତ୍ୱପୂର୍ଣ୍ଣ ଥାନା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ଏହାର ଉଦ୍‌ଘାଟନ କରି ଶିଶୁଙ୍କ ସହ ଆଲୋଚନା କରିଥିଲେ। ଏହି ଥାନାରେ ଶିଶୁଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରାରାଇ ସେମାନେ ଯେଭଳି ଭୟଭୀତ ନ ହେବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଏଥିସହ ସେମାନଙ୍କ ଖେଳିବା, ପଢ଼ିବା ଓ ମନୋରଞ୍ଜନ ପାଇଁ ଟେଲିଭିଜନ, କ୍ରୀଡ଼ା ସାମଗ୍ରୀ, କୁଇଜ୍ ଓ ଅନ୍ୟ ବହି ଉପଲବ୍ଧ ରହିଛି। ଏହି ବନ୍ଧୁତ୍ୱପୂର୍ଣ୍ଣ ଥାନାରେ ପିଲାଙ୍କ ଉପଯୋଗୀ ସୁନ୍ଦର ରଙ୍ଗ କରାଯାଇଛି। ଏହି ଥାନାରେ ଜଣେ ମହିଳା ଏସ୍‌ଆଇ, ଏଏସ୍‌ଆଇ ଏବଂ ୨ ମହିଳା କନଷ୍ଟେବଳଙ୍କୁ ନିଯୁକ୍ତି ଦିଆଯାଇଛି। ବିଭିନ୍ନ ସମସ୍ୟା ତଥା ମାମଲାରେ ଥାନାକୁ ଆସୁଥିବା ମହିଳାମାନଙ୍କ ପିଲାମାନେ ଯେପରି ଏଠାରେ ନିଜ ଘର ଭଳି ଚାପମୁକ୍ତ ରହିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ଏହି ଥାନା କରାଯାଇଛି ବୋଲି ମାଲକାନଗିରି ଏସ୍‌ପି ନିତେଶ ୱାଧୱାନୀ କହିଛନ୍ତି।


ବନ୍ଧୁତ୍ୱପୂର୍ଣ୍ଣ ଥାନାରେ ଶିଶୁମାନଙ୍କ ସହ ପୋଲିସ ଅଧିକାରୀମାନେ।

# ଠିପିବନ୍ଧ ମଦ ଦୋକାନ ବିରୋଧରେ ଜିଲାପାଳଙ୍କ ଦ୍ୱାରସ୍ଥ

ମାଲକାନଗିରି,୨୦।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ପଦ୍ମଗିରି ପଞ୍ଚାୟତ ସଦରରେ ବିଦେଶୀ ଠିପିବନ୍ଧ ମଦ ଦୋକାନ ଖୋଲାଯିବାକୁ ବିରୋଧ କରି ଶତାଧିକ ମହିଳା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଜିଲାପାଳ ବିଶାଳ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପଦ୍ମଗିରି, ଝରାପାଲ୍ଲୀ, ଉଡୁପା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ଲୋକେ ଆଦିବାସୀ ସମ୍ପ୍ରଦାୟର। ଯୁବପିଢ଼ି ନିଶା ଦ୍ୱାରା ପଥଭ୍ରଷ୍ଟ ହୋଇ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏହାର ପ୍ରଭାବ ମହିଳା ଓ ଶିଶୁଙ୍କ ଉପରେ ପଡୁଛି। ଏଭଳି ପରିସ୍ଥିତିରେ ଜିଲା ପ୍ରଶାସନ ମାଲକାନଗିରି ସଦର ମହକୁମାରେ ଏକ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଟେଣ୍ଡର କରି ଜନୈକ ବ୍ୟକ୍ତିଙ୍କୁ ପଦ୍ମଗିରିରେ ମଦ ଦୋକାନ ଖୋଲିବା ପାଇଁ ଅନୁମତି ଦେଇଥିବା ଜଣାପଡ଼ିଛି। ତେଣୁ ଆମେ ଅଞ୍ଚଳରେ ବିଦେଶୀ ମଦ ଦୋକାନ ଖୋଲିବାକୁ ଦେବୁନାହିଁ ବୋଲି ମହିଳାମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ପଦ୍ମଗିରି ବଜାର ନିକଟରେ ଜନବସତି ମଧ୍ୟରେ ମଦ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ ପ୍ରାୟତଃ ସରିଛି। ତୁରନ୍ତ ଏହାକୁ ବନ୍ଦ କରା ନ ଗଲେ ୫ ପଞ୍ଚାୟତର ମହିଳା ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ ।

■ ଏକାଠି ହେଲେ ଶତାଧିକ ମହିଳା
■ ବନ୍ଦ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

## ସଂକ୍ଷେପରେ

### ସମବାୟ ସମିତି ମତଦାନ ଶେଷ

ତେନ୍ତୁଳିଖୁଣ୍ଟି, ୨୦।୬(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ଓ ତେନ୍ତୁଳିଖୁଣ୍ଟି ସେବା ସମବାୟ ସମିତିର ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ସରିଛି। ଅଞ୍ଚଳଗୁମ୍ମା ସେବା ସମବାୟ ସମିତିରେ ମୋଟ ୧୫ ୱାର୍ଡରୁ ୭ରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବଳକା ୮ଟି ୱାର୍ଡରେ ଭୋଟ ହୋଇଥିଲା। ୩ନଂ.ରେ ତ୍ରିନାଥ ଜାନି, ୫ନଂ.ରାମକୃଷ୍ଣ ବିଷୋୟୀ, ୭ନଂ. ଯୁଧିଷ୍ଠିର ପୂଜାରୀ, ୯ନଂ. ପ୍ରଭାତୀ କନ୍ଧ, ୧୧ନଂ.ସୁଧାଂଶୁ ଶେଖର ବିଷୋୟୀ,୧୩ନଂ. ଗୌରୀ ବିଷୋୟୀ,୧୦ନଂ. ନୀଳା ଓ ୧୫ନଂ.ରେ ଲକ୍ଷ୍ମୀ ଜାନି ନିର୍ବାଚିତ ହୋଇଛନ୍ତି। ତେନ୍ତୁଳିଖୁଣ୍ଟି ସମବାୟ ସମିତିରେ୧୫ ୱାର୍ଡରୁ ୮ରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୩ନଂ. ୱାର୍ଡରେ ଅଖିଳ ଭତରା, ୫ନଂ.ବନମାଳୀ ଜାନି, ୬ନଂ.ବାରିଜ ପଟ୍ଟନାୟକ, ୯ନଂ.ବନମାଳୀ ଚାଲାଣ, ୧୦ନଂ. ଗୁରୁ ପୂଜାରୀ, ୮ନଂ. ପି. ନଗେଶ୍ୱର ରାଓ ଓ ୧୫ନଂ. ରେ ମଣ୍ଟୁ ଭତରା ନିର୍ବାଚିତ ହୋଇଛନ୍ତି। ୧୫ଦିନ ମଧରେ ସମବାୟ ସମିତି ସଭାପତି ଚୟନ କରାଯିବ ବୋଲି ତେନ୍ତୁଳିଖୁଣ୍ଟି ସମବାୟ ସମିତି ଏମ୍‌ଡି ନରେଶ ଚନ୍ଦ୍ର ଦାସ ଓ ଅଞ୍ଚଳଗୁମ୍ମା ଏମ୍‌ଡି ସୁଶୀଲ କୁମାର ମହାପାତ୍ର କହିଛନ୍ତି।

### କାଣ୍ଟି ଘାଟିରେ ଅଟୋ ଓଲଟି ୪ ଆହତ

କୋରାପୁଟ,୨୦।୬(ସ୍ୱ.ପ୍ର)- କୋରାପୁଟ ଜିଲାର ଦୁର୍ଗମ କାଣ୍ଟି ପଞ୍ଚାୟତ ଟାଙ୍ଗୁବେଡା ଘାଟି ନିକଟରେ ନାରାୟଣପାଟଣା ଅଞ୍ଚଳକୁ ଯାଉଥିବା ଏକ ଯାତ୍ରୀବାହୀ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କୋରାପୁଟ ସେମିଳିଗୁଡ଼ା ଅଞ୍ଚଳର ଅଲିଗାଁ ସଦା ସିରିକା, ସଦାଶିବ ପୁଜାରୀ, ନରସିଂହ ପଟ୍ଟନାୟକ ଓ ଗୋପୀ ପୁଜାରୀଙ୍କ ମୁଣ୍ଡ ଓ ଗୋଡରେ ଆଘାତ ଲାଗିଛି। ସେମିଳିଗୁଡା ବ୍ଲକ ପାକଝୋଲା ପଞ୍ଚାୟତ ଆଲିଗାଁର ସଦା ସିରିକାଙ୍କ ସମେତ ୭ ଜଣ ଏକ ଯାତ୍ରୀବାହୀ ଅଟୋରେ ନାରାୟଣପାଟଣା ବ୍ଲକ ତଳଗୁମାଣ୍ଡିକୁ ଯାଉଥିବାବେଳେ ଟାଙ୍ଗୁବେଡା ଘାଟିରେ ଅଟୋ ଓଲଟି ପଡ଼ିଥିଲା। ସେଠାରେ ନେଟ୍‌ୱର୍କ ନ ଥିବାରୁ ଆହତମାନେ ମେଡିକାଲକୁ ନେବାକୁ କାହାରିକୁ ଯୋଗାଯୋଗ କରିପାରି ନ ଥିଲେ। ଦୀର୍ଘ ସମୟ ଧରି ଆହତମାନେ ରାସ୍ତାରେ ଉପରେ ବସିଥିଲେ। ଏହି ସମୟରେ ସେମିଳିଗୁଡା ଅଞ୍ଚଳର ସାମାଜିକ କର୍ମୀ ଅଶୋକ ପ୍ରଧାନ ସେମାନଙ୍କୁ ଦେଖି ସମସ୍ତଙ୍କୁ ଉଦ୍ଧାର କର ସୁନାବେଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଜଣଙ୍କର ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ପଠାଯାଇଛି।

### ପରିତ୍ୟକ୍ତ ସ୍ଥାନରେ ପଡ଼ିଛି ନବଜାତ ଶିଶୁ କନ୍ୟାଙ୍କ ମୃତଦେହ

ନବରରଙ୍ଗପୁର,୨୦।୬(ବି.ପ୍ର.)- ନବରଙ୍ଗପୁର ସହର ଜିଲାପାଳଙ୍କ ଅଫିସରୁ ମାତ୍ର ୧୦୦ ମିଟର ଦୂରରେ ଡ୍ରିମ କଲୋନୀ ପାଖ ପରିତ୍ୟକ୍ତ ସ୍ଥାନରେ ସୋମବାର ଜଣେ ଶିଶୁ କନ୍ୟାଙ୍କ ମୃତଦେହ ମିଳିଛି। ସୋମବାର ସକାଳେ ନିକଟସ୍ଥ ଅଞ୍ଚଳରକେତେଜଣ ମହିଳା ମୃତଦେହ ଦେଖି ନବରଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଏହାର ତଦନ୍ତ କରୁଛି। ସୂଚନାନୁଯାୟୀ, କିଛି ଦିନ ତଳେ ନବରଙ୍ଗପୁର ଜିଲାର ଡାବୁଗାଁ ଅଞ୍ଚଳରେ ଲଟାବୁଦା ତଳେ ଶିଶୁ ପୁତ୍ରକୁ କେହି ଫିଙ୍ଗିଦେଇ ଚାଲିଯାଇଥିଲେ। କିଛି ଦିନ ପରେ ପାପଡାହାଣ୍ଡି ବ୍ଲକର ଏକ ଗାଁରେ ଜଣେ ନବଜାତକଙ୍କ ମୃତଦେହ ଭାସମାନ ଅବସ୍ଥାରେ ମିଳିଛି।

### ନାଳକୁ ମରାମତି ଦାବି

ଶେରଗଡ଼,୨୦।୬(ଡି.ଏନ.ଏ.)-ଶେରଗଡ଼ ବ୍ଲକ ଅନ୍ତର୍ଗତ ହରୀକୃଷ୍ଣପୁର ଗ୍ରାମର ଥିବା ସନ୍ତରା ବନ୍ଧ ବହୁ ପୁରୁଣା ଜଳସେଚନ ବିଭାଗର ବନ୍ଧ ଅଟେ। ଏହି ବନ୍ଧର ଉପର ମୁଣ୍ଡରେ ଏକ ନାଳ ରହିଛି। ଉକ୍ତ ନାଳଟି ମଛାକୋଟ ଜଳସେଚନ ପ୍ରକଳ୍ପ ସହ ସଂଯୋଗ ରହିଛି। ଉକ୍ତ ନାଳରେ ପ୍ରତିବର୍ଷ ପାଣି ଆସି ହରୀକୃଷ୍ଣପୁର ଗ୍ରାମର ସନ୍ତରାବନ୍ଧରେ ଭର୍ତ୍ତି ହୁଏ। ଉକ୍ତ ପାଣିଟି ଚାଷୀମାନଙ୍କ ଜମିକୁ ଜଳସେଚିତ କରେ। ଏହି ପ୍ରକ୍ରିୟା ବହୁ ଆବହମାନ କାଳରୁ ଚାଲି ଆସିଛି। ଉକ୍ତ ନାଳ ପୋତି ହେଉଥିବା ବେଳେ ଠିକ ଭାବେ ପାଣି ନିଷ୍କାସନ ହୋଇପାରୁ ନାହିଁ। ଉକ୍ତ ନାଳକୁ ମରାମତି କରିବା ପାଇଁ ବାରମ୍ବାର ଜଳସେଚନ ବିଭାଗର ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ମିଳୁନଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ବର୍ଷା ଦିନ ପୂର୍ବରୁ ଉକ୍ତ ନାଳକୁ ମରାମତି କରିବାକୁ ହରୀକୃଷ୍ଣପୁର ଗ୍ରାମବାସୀ ଦାବି କରିଛନ୍ତି।

# ପାପଡାହାଣ୍ଡିରେ ଶିଶୁ, ଉମରକୋଟରେ ପ୍ରସୂତିଙ୍କ ମୃତ୍ୟୁ ସର୍ବାଧିକ

- ନବରଙ୍ଗପୁରରେ ଉଦ୍‌ବେଗଜନକ ମାତୃ, ଶିଶୁ ମୃତ୍ୟୁହାର
- ବର୍ଷକରେ ୧୨୮୧ ଶିଶୁ, ୩୯ ପ୍ରସୂତିଙ୍କ ମୃତ୍ୟୁ

ନବରଙ୍ଗପୁର,୨୦।୬(ବି.ପ୍ର.)

ବ୍ୟାପକ ଅନୁଦାନ ଓ ଅନେକ ଯୋଜନା ସତ୍ତ୍ୱେ ନବରଙ୍ଗପୁର ଜିଲାରେ ମାତୃ ଓ ଶିଶୁ ମୃତ୍ୟୁହାର ଉଦ୍‌ବେଗଜନକ। ପୁଷ୍ଟିକର ଖାଦ୍ୟର ଅଭାବ ଓ ରକ୍ତହୀନତାରେ ଅନେକ ଶିଶୁଙ୍କ ପ୍ରାଣ ଚାଲିଯାଉଛି। ନବରଙ୍ଗପୁର ଜିଲାରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଖାଦ୍ୟ ପରିଚାଳନାରେ ଅନିୟମିତତା ଓ ଏହାର ତଦାରଖ ଠିକ୍‌ଭାବେ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏହା ଜିଲାର ଶିଶୁମାନଙ୍କ ଉପରେ ବିଶେଷ ପ୍ରଭାବ ପକାଉଛି।

ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟକୁ ଆଧାର କଲେ ୨୦୨୧-୨୨ ବର୍ଷରେ ୧୨୮୧ ଶିଶୁଙ୍କ ମୃତ୍ୟୁ ଘଟିଛି। ୫ରୁ ୬ ବର୍ଷ ଶିଶୁ ମୃତ୍ୟୁକୁ ଆଧାର କଲେ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହେବ ବୋଲି ଜଣାପଡ଼ିଛି। ନବରଙ୍ଗପୁର ଜିଲାର ୧୦ବ୍ଲକ ମଧ୍ୟରୁ ପାପଡାହାଣ୍ଡିରେ ଶିଶୁ ମୃତ୍ୟୁସଂଖ୍ୟା ଅଧିକ ରହିଛି। ପାପଡାହାଣ୍ଡି ବ୍ଲକରେ ଜନ୍ମରୁ ୫ବର୍ଷ ମଧ୍ୟରେ ୨୦୧ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। ଜିଲାର ଚନ୍ଦାହାଣ୍ଡି ବ୍ଲକରେ ୭୭, ଡାବୁଗାଁରେ ୮୫, ଝରିଗାଁରେ ୧୪୪, କୋଷାଗୁମୁଡାରେ ୧୬୮, ରାଇଘରରେ ୧୫୩, ନନ୍ଦାହାଣ୍ଡିରେ ମୋଟ ୮୨ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। ଉମରକୋଟ ବ୍ଲକରେ ୧୭୭, ନବରଙ୍ଗପୁରରେ ୧୦୮, ତେନ୍ତୁଳିଖୁଣ୍ଟି ବ୍ଲକରେ ୧୧୮ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। ଶୂନରୁ ୨୮ ଦିନ ମଧ୍ୟରେ ୫୧୯, ୨୮ ଦିନରୁ ୧ ବର୍ଷ ମଧ୍ୟରେ ୬୩୬ ଓ ୧ରୁ ୫ ବର୍ଷ ମଧ୍ୟରେ ୧୨୭ ମୋଟ ୧୨୮୨ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜନ୍ମରୁ ୨୮ ଦିନ ମଧ୍ୟରେ ଓ ୧ରୁ ୫ବର୍ଷ ପିଲାଙ୍କ ମୃତ୍ୟୁ ଉମରକୋଟ ବ୍ଲକରେ ଅଧିକ। ୨୮ ଦିନରୁ ୧ ବର୍ଷ ମଧ୍ୟରେ ମୃତ୍ୟୁ ହେଉଥିବା ଶିଶୁଙ୍କ ମଧ୍ୟରୁ ଅଧିକାଂଶ କୋଷାଗୁମୁଡା ବ୍ଲକର। ୨୦୨୧- ୨୨ ବର୍ଷରେ ଜିଲାରେ ୩୯ ଜଣ ପ୍ରସୂତିଙ୍କ ମୃତ୍ୟୁ ଘଟିଛି। ୫ଜଣ ରକ୍ତ ହୀନତା, ପ୍ରସୂତି ପରେ ଅତ୍ୟଧିକ ରକ୍ତସ୍ରାବରେ ୮ ଜଣ, ଅତିଶୟ ଉଚ୍ଚ ରକ୍ତଚାପରେ ୧୩, କଷ୍ଟସାଧ ପ୍ରସୂତିରେ ୨ ଜଣ, ଜରାୟୁ ଶୁଷ୍କତାରେ ୧ ଓ ସଂକ୍ରମଣ ଯୋଗୁ ୯ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ଉମରକୋଟ ବ୍ଲକରେ ୧୦, ଚନ୍ଦାହାଣ୍ଡିରେ ୧, ଡାବୁଗାଁରେ ୬, ଝରିଗାଁରେ ୩, କୋଷାଗୁମୁଡ଼ାରେ ୪, ନନ୍ଦାହାଣ୍ଡିରେ ୨, ନବରଙ୍ଗପୁରରେ ୨, ପାପଡାହାଣ୍ଡିରେ ୩, ରାଇଘରରେ ୫ ଓ ତେନ୍ତୁଳିଖୁଣ୍ଟି ବ୍ଲକରେ ୨ ଜଣ ପ୍ରସୂତିଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଘରେ ଜଣେ, ଡାକ୍ତରଖାନାରେ ୨୯ ଜଣ ଓ ଡାକ୍ତରଖାନା ଆଣିବା ରାସ୍ତାରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମାତୃ ଓ ଶିଶୁ ମୃତ୍ୟୁ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟାପକ ଅନୁଦାନ ଯୋଗାଇବା ସହ ଅନେକ ଯୋଜନା କରିଛନ୍ତି। ତୃଣମୂଳସ୍ତରରେ ଯୋଜନା ଓ କାର୍ଯ୍ୟକ୍ରମ ଠିକ୍ ଭାବେ ନ ପହଞ୍ଚିବା ମୃତ୍ୟୁର ଏକ କାରଣ ସାଜିଛି। ଏନେଇ ସିଡିଏମ୍‌ଓ କାଳୀ ପ୍ରସାଦ ବେହେରାଙ୍କୁ ପଚାରିବାରୁ ପରିବାର କଲ୍ୟାଣ ସେକ୍ରେଟାରୀଙ୍କ ପକ୍ଷରୁ ଚିଠି ଆସିଛି। ସେହି ଅନୁଯାୟୀ ରିପୋର୍ଟ ପ୍ରଦାନ କରାଯିବ। ମଙ୍ଗଳବାର ଡାକ୍ତରଙ୍କ ସହ ଏକ ବୈଠକ କରାଯାଇ ଏହାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

# ସ୍ୱର୍ଣ୍ଣ ହାତେଇଲେ ନବରଙ୍ଗପୁର ଝିଅ

## ଖେଲୋ ଇଣ୍ଡିଆ ପ୍ରତିଯୋଗିତା


ମୀନା ସାନ୍ତା

ଉମରକୋଟ, ୨୦।୬(ସ୍ୱ.ପ୍ର.)

ଭାରତ ସରକାରଙ୍କ ପକ୍ଷରୁ ହିମାଚଳ ପ୍ରଦେଶରେ ଜୁନ୍ ୧୪ରୁ ୨୨ ଯାଏ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ୨୦୨୨ ପ୍ରତିଯୋଗିତାରେ ଓଡ଼ିଶାରୁ ୮ଜଣ ଛାତ୍ରୀ ଭାଗ ନେଇଥିଲେ। କଳିଙ୍ଗ ଷ୍ଟାଡିୟମ ଅଧୀନ ମୁଖ୍ୟ କୋଚ୍ କେ. ରବିକୁମାରଙ୍କ ତତ୍ତ୍ୱାବଧାନରେ କୋଚ କେ.ଲଗୁନାଥ ଓ ଭେଙ୍କେଟ ଲକ୍ଷ୍ମୀଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଯାଇଥିବା ଛାତ୍ରୀଙ୍କ ମଧ୍ୟରୁ ୫ଜଣ ପଦକ ହାତେଇବାରେ ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ସୁନାବେଡା ପଞ୍ଚାୟତ କୁରୁମାହାଣ୍ଡି ଗ୍ରାମର ମୀନା ସାନ୍ତା ୫୫ କେଜି ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଟିଙ୍କି ମୋହିନୀ ମଲ୍ଲିକ ୬୪କେଜି ଯୁବ ଭାରୋତ୍ତୋଳନରେ ରୌପ୍ୟ, ଜୋଛନା ଶବର ୪୦କେଜି ଯୁବ ଭାରୋତ୍ତୋଳନରେ ରୌପ୍ୟ, ସଙ୍ଗୀତା ପାଢ଼ୀ ୬୪ କେଜି ଜୁନିୟର/ସିନିୟର ଭାରୋତ୍ତୋଳନରେ ସ୍ୱର୍ଣ୍ଣ ଓ ସିଲ୍‌ଭର ଦୁଇଟି ପଦକ ପାଇଛନ୍ତ। ମୋନାଲି ସାହୁ ୭୧କେଜି ଜୁନିୟର ଭାରୋତ୍ତୋଳନରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ମୀନା ଭୁବନେଶ୍ୱରସ୍ଥିତ କିସ୍ ଛାତ୍ରୀ ନିବାସରେ ରହୁଛନ୍ତି । ବର୍ତ୍ତମାନ ସେ ଦଶମ ଶ୍ରେଣୀରେ ପଢୁଛନ୍ତି। ସ୍ୱର୍ଣ୍ଣ ପଦକ ପାଇ ବେଶ୍ ଖୁସି ଅଛି ଏବଂ ଏହାର ଶ୍ରେୟ ଅନୁଷ୍ଠାନ ଓ ପ୍ରଶିକ୍ଷଣ ଶିକ୍ଷକଙ୍କୁ ଦେଉଛି ବୋଲି ମୀନା କହିଛନ୍ତି। ଭବିଷ୍ୟତରେ ଅଲିମ୍ପିକରେ ଭାଗନେବାକୁ ଲକ୍ଷ୍ୟ ରଖିଛି। ସୁଯୋଗ ମିଳିଲେ ଦେଶର ଟେକ ରଖିବି ବୋଲି ସେ କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟ କାର୍ଡ ପ୍ରେରଣ ଅଭିଯାନ

## ଇପିଏଫ୍ ପେନ୍‌ସନ୍ ବୃଦ୍ଧି ଦାବିରେ

ଜୟପୁର, ୨୦।୬ (ନି.ପ୍ର.)

ଇପିଏଫ୍ ପେନ୍‌ସନ୍‌ଧାରୀ ଓଡ଼ିଶା ସଙ୍ଗଠନ କୋରାପୁଟ ଜିଲା ଶାଖା ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିକୁ ଜୟପୁର ମୁଖ୍ୟ ଡାକଘର ସମ୍ମୁଖ ଡାକ ବକ୍ସରେ ପେନ୍‌ସନ୍ ଭୋଗୀ କର୍ମଚାରୀମାନେ ପକାଇଛନ୍ତି। କୋରାପୁଟ ଜିଲା ସଭାପତି ନଳିନୀକାନ୍ତ ରଥଙ୍କ ନେତୃତ୍ୱରେ ବିଭିନ୍ନ ସରକାରୀ, କର୍ପୋରେଶନ୍, ପେପର୍ ମିଲ୍, ଅନ୍ୟ ଘରୋଇ ସଂସ୍ଥାର କର୍ମଚାରୀମାନେ ଯୋଗଦେଇ ହାତଲେଖା ପୋଷ୍ଟ କାର୍ଡ ପ୍ରେରଣ କରିଛନ୍ତି। ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍ ମାସିକ ୯୦୦୦ ଟଙ୍କା କରିବା, ଡିଏ ସଂଯୁକ୍ତ, ଆକ୍ରୋଶମୂଳକ ଭାବେ ଦଣ୍ଡିତ ଶ୍ରମିକ କର୍ମଚାରୀଙ୍କୁ ଅବସର ପରେ ପେନ୍‌ସନ୍ ସୁବିଧାରୁ ବଞ୍ଚିତ ନ କରିବା, ଇପିଏଫ ପେନ୍‌ସନ୍ ଭୋଗୀଙ୍କୁ ଆୟୁଷ୍ମାନ ଯୋଜନାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି ହୋଇଛି।


ପୋଷ୍ଟ ବକ୍ସରେ ଚିଠି ପକାଯାଉଛି।

ବିକ୍ଷୋଭ ଏବଂ ପୋଷ୍ଟ କାର୍ଡ ପ୍ରେରଣ ଅଭିଯାନରେ ସିଟି କୋଅର୍ଡିନେଶନ୍ କମିଟି ସାଧାରଣ ସମ୍ପାଦକ ପ୍ରମୋଦ ମହାନ୍ତି, ସଂଗଠନ ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ସହଯୋଗରେ ସରୋଜ ପଣ୍ଡା, ନିମାଇଁ ସ୍ୱାଇଁ, ପ୍ରକାଶ ଚୌଧୁରୀ, ଏସ୍ କେ. ମହାନ୍ତି, ଗୋପାଳ କୃଷ୍ଣ ପାଢ଼ୀ, ଏସ୍.ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରାନ୍ସଫର୍ମର ଚୋରି ଘଟଣାରେ ୬ ଗିରଫ

ନବରଙ୍ଗପୁର,୨୦।୬ (ବି.ପ୍ର.)

ଟ୍ରାନ୍ସଫର୍ମର ଚୋରି ଘଟଣାରେ ନବରଙ୍ଗପୁର ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କଠାରୁ ଟ୍ରାନ୍ସଫର୍ମର, ତମ୍ବା ତାର ଓ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଗିରଫମାନେ ହେଲେ ନବରଙ୍ଗପୁର ଦଶହରାପଦାର ମହମ୍ମଦ ଇସମାଇଲ, ତେନ୍ତୁଳିଖୁଣ୍ଟି ଥାନା ଅଧୀନ ଗୁମାଗୁଡା ଗାଁର ନୀଳ ସଗରିଆ(କମତା), କୋଡ଼ିଙ୍ଗା ଥାନା ଅଞ୍ଚଳ ପଚିଆଗୁଡ଼ା ଗାଁର ଡମ୍ବୁରୁ ଭତ୍ରା ଓ ଗୋବିନ୍ଦ ଭତ୍ରା ଏବଂ ନବରଙ୍ଗପୁର ଥାନା ଅଧୀନ ମହୁଲପଦର ଗାଁର କୃଷ୍ଣ ଭତ୍ରା, ବିନୋଦ ଭତ୍ରା । ଚଳିତ ମାସ ୧୪ ତାରିଖ ବିଳମ୍ବିତ ରାତିରେ ରଥ ମାଝିଗୁଡା ସବ୍‌ଷ୍ଟେସନରୁ ଟ୍ରାନ୍ସଫର୍ମର ଚୋରି ହୋଇଥିବା ନେଇ ଥାନାରେ ୨୯୦/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ସବ ଇନ୍ସପେକ୍ଟର ଦେବାଶିଷ ସାହୁ ଘଟଣା ତଦନ୍ତ କରୁଥିଲେ। ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରୁ ନିୟମିତ ବ୍ୟବଧାନରେ ଟ୍ରାନ୍ସଫର୍ମରରୁ ଚୋରି କରୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଏ ଯାଏ ୫ଟି ସ୍ଥାନରୁ ଚୋରି କରିଥିବା ଅଭିଯୁକ୍ତମାନେ ପୋଲିସ ଆଗରେ ମାନିଛନ୍ତି।




# ପୁଅ ଶାବଳ ମାଡ଼ରେ ବାପା ମୃତ

କୋରାପୁଟ,୨୦।୬(ସ୍ୱ.ପ୍ର.)

ପୁଅ ଶାବଳ ମାଡ଼ରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋରାପୁଟ ଜିଲା ନନ୍ଦପୁର ଥାନା ପେଦାଢାବା ଡମ୍ବୁ ଖରା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସୂଚନାନୁଯାୟୀ, ଡମ୍ବୁ ଓ ପୁଅ ତ୍ରିନାଥଙ୍କ ମଧ୍ୟରେ କୌଣସୀ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅତ୍ୟଧିକ ରାଗିଯାଇ ତ୍ରିନାଥ ଏକ ଶାବଳରେ ଡମ୍ବୁଙ୍କ ଉପରକୁ ବାରମ୍ବାର ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଡମ୍ବୁଙ୍କ ମୃତ୍ୟୁ ହୋଇଯାଇଛି। ନନ୍ଦପୁର ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ପୋଲିସ ୬୬/୨୨ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଧାରଣା ବିକ୍ଷୋଭ

## ବିଦ୍ୟୁତ୍ ସଂଯୋଗ ନ ଥାଇ ବିଲ୍ ଆସୁଥିବା ଅଭିଯୋଗ

ଜୟପୁର, ୨୦।୬(ନି.ପ୍ର.)

ଟାଟା ପାୱାରର ମନମୁଖୀ ବିଦ୍ୟୁତ୍ ବିଲ ଏବଂ ଅବ୍ୟବସ୍ଥାକୁ ବିରୋଧ କରାଯାଇଛି। ସୋମବାର ନୂଆଗୁଡା ଏବଂ ବାୟାଗୁଡ଼ା ଗ୍ରାମବାସୀ ଜୟପୁର ବାମୁଣୀ ଗ୍ରାମସ୍ଥିତ ଟାଟା ପାୱାର କମ୍ପାନୀ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ଆଗରେ ଧାରଣା ଦେଇ ବିକ୍ଷୋଭ କରିଥିଲେ। ମିଟର ଏବଂ ତାର ନ ଥାଇ ମଧ ବିଲ୍ ଆସିଛି। କାହା କାହା ଘରେ ତ ତାର ଝୁଲୁଛି କିନ୍ତୁ କରେଣ୍ଟ ଠିକ ଭାବେ ଆସୁନାହିଁ। ବାରମ୍ବାର ଅଭିଯୋଗ କଲେ ମଧ ବିଭାଗୀୟ ଅଧିକାରୀ ଶୁଣୁନାହାନ୍ତି। ଟାଟା ପାୱାର କର୍ମଚାରୀ ଯାଇ ଜୋର ଜବରଦସ୍ତି ବିଲ୍ ଆଦାୟ କରୁଛନ୍ତି, ଟଙ୍କା ନ ଦେଲେ ବିଦ୍ୟୁତ୍ କାଟ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବେ ଗ୍ରାମବାସୀ ସାତ ଦିନ ହେବ ଅନ୍ଧାରରେ ଅଛନ୍ତି। ଧାରଣା ଓ ବିକ୍ଷୋଭ ଖବରପାଇ ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ଘଟଣାସ୍ଥଳକୁଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହାର ତଦନ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବାପରେ ଧାରଣାରୁ ହଟିଥିଲେ ଗ୍ରାମବାସୀ। ଏହି ଧାରଣାରେ ଭାଜପା ନେତା ଗୌତମ ସାମନ୍ତରାୟ ମଧୁ ହିଆଲ୍, କନକା ରାଓ, ଜିଲା ଭାଜପା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ମୋହନ ମାଝି, ନଳିନୀ ଦାଶ, ଶିବ ପଟ୍ଟନାୟକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।


ଧାରଣାରେ ବସିଥିବା ଗ୍ରାମବାସୀ।

# ୩୩ ଅଭିଯୋଗ ଶୁଣିଲେ ଜିଲାପାଳ

ଝରିଗାଁ, ୨୦।୬(ସ୍ୱ.ପ୍ର.)

ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ୩୩ ଅଭିଯୋଗର ଶୁଣାଣି କରାଯାଇଛି। ବଡଟେମରା ପଞ୍ଚାୟତରେ ବସୁନ୍ଧରା ପେଯାଜନା ପାନୀୟ ଜଳ ଯୋଗାଣ, ମୋବାଇଲ ଟାୱାର ନିର୍ମାଣ କରାଯିବାକୁ ଦାବି ହୋଇଛି। ସେହିପରି ଫୁଫୁଗାଁ ପଞ୍ଚାୟତ ବାରବାକୁଲି ଗ୍ରାମରେ ଚାଲିଥିବା

ଦେଶୀମଦ କାରବାର ବନ୍ଦ କରିବା ନେଇ ଫୁଫୁଗାଁ ସମିତି ସଭ୍ୟ ମନବୋଧ ସାନ୍ତା, ଶ୍ୟାମ ସାନ୍ତା , ସାଦୁ ସାନ୍ତା ପ୍ରମୁଖ ଅଭିଯୋଗ କରିଥିଲେ। ଏହି ଅବସରରେ ଏସ୍‌ପି ଏସ୍.ସୁଶ୍ରୀ, ଡିଆରଡିଏ ପିଡି ରତ୍ନାକର ସାହୁ, ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମାଝି, ବିଡିଓ ସତ୍ୟନାରାୟଣ ମେହେର,ତହସିଲଦାର ହୃଷିକେଶ ଗଣ୍ଡଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ୧୦ ଜଣଙ୍କୁ ହୁଇଲ୍‌ଚେୟାର,୩୯ ଜଣଙ୍କୁ ଟ୍ରାଇ ସାଇକେଲ,୧୫ ଜଣଙ୍କୁ ଶବଣ ଯନ୍ତ୍ର ଏବଂ ୨ ଦୃଷ୍ଟିହୀନଙ୍କୁ ବାଡ଼ି ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳର ସମସ୍ୟାଗୁଡିକୁଠିକ୍ କିପରି ଠିକ୍ ସମୟରେ ସମାଧାନ କରିହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।


ଦିବ୍ୟାଙ୍ଗମାନଙ୍କୁ ସହାୟତା ଦିଆଯାଉଛି।

# ବଜ୍ରପାତରେ ଯୁବକ ଗୁରୁତର

ତେନ୍ତୁଳିଖୁଣ୍ଟି, ୨୦।୬(ଡି.ଏନ୍.ଏ.)

ଜମିରେ କାମ କରିବାବେଳେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଠାଗାଁ ପଞ୍ଚାୟତ ମେରେଇ ଗ୍ରାମର ରତ ପୂଜାରୀ ବଜ୍ରପାତରେ ଆହତ ହୋଇଛନ୍ତି। ଖବରପାଇ କଣ୍ଠାଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୁଦ୍ର ଷଡଙ୍ଗୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ତେନ୍ତୁଳିଖୁଣ୍ଟି ଡାକ୍ତରଖାନା ନେଇଛନ୍ତି। ସେ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ସପ୍ତାହେ ହେବ ଡାକଘରେ ଇଣ୍ଟରନେଟ ସେବା ଅଚଳ

## ଗ୍ରାହକ ହନ୍ତସନ୍ତ, ବଢୁଛି ଅସନ୍ତୋଷ

ସୁନାବେଡା, ୨୦।୬ (ସ୍ୱ.ପ୍ର.)

ପୋଷ୍ଟ ଅଫିସ୍‌ରେ ଏକ ସପ୍ତାହରୁ ଅଧିକ ଦିନ ହେବ ଇଣ୍ଟରନେଟ୍ ସେବା ଠପ୍ ହୋଇଯାଇଛି। ଫଳରେ ପୋଷ୍ଟ ଅଫିସ୍ ଉପରେ ନିର୍ଭର କରୁଥିବା ଗ୍ରାହକମାନେ ସେବାରୁ ବଞ୍ଚିତ ହୋଇଛନ୍ତି। ଏହି ପୋଷ୍ଟ ଅଫିସ ଉପରେ ବର୍ତ୍ତମାନ ପ୍ରାୟ ୨୫ ହଜାରରୁ ଅଧିକ ଜମାକାରୀ ନିର୍ଭର କରୁଛନ୍ତି। ଯେଉଁଥିରେ ଅଧିକାଂଶ ବରିଷ୍ଠ ନାଗରିକ ଅଛନ୍ତି। ଇଣ୍ଟରନେଟ୍ ସେବା ବନ୍ଦ ହେତୁ ସେମାନେ କୌଣସି ପ୍ରକାର ସେବା ପାଇପାରୁ ନାହାନ୍ତ। ବାରମ୍ବାର ପୋଷ୍ଟ ଅଫିସ୍ ଦୌଡି ଦୌଡି ନୟାନ୍ତ ହେଉଥିବା ଅଭିଯୋଗ ଆଣିଛନ୍ତି କେତେଜଣ ବରିଷ୍ଠ ନାଗରିକ। ବିଭାଗୀୟ କର୍ତ୍ତୃପକ୍ଷ ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଲୋକଙ୍କ ସୁବିଧା ଲାଗି ୧୯୭୩ରେ ଜୟପୁର ସର୍କଲ୍ ଅଧୀନରେ କୋରାପୁଟ ଜିଲା ସୁନାବେଡା ହାଲ୍ ଟାଉନସିପ୍‌ରେ ଦୁଇଟି ସବ୍ ପୋଷ୍ଟ ଅଫିସ ଖୋଲାଯାଇଥିଲା। ଗୋଟିଏ ଟାଉନସିପ୍‌ର ସେକ୍ଟର ୭ ଜି ଜୋନ୍ ରେ ଓ ଅନ୍ୟଟି ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପାର୍ଶ୍ୱରେ। ଗତ କକିଛିଦିନ ତଳେ କମ୍ ଟ୍ରାଞ୍ଜାକଶନ୍ ଦର୍ଶାଇ ଜି ଜୋନ୍‌ର ଅଫିସ୍‌କୁ ଅନ୍ୟ ପୋଷ୍ଟ ଅଫିସ ସହ ମିଶ୍ରଣ କରାଯାଇଛି।

# ଠିପିଖୋଲା ମଦଦୋକାନକୁ ବିରୋଧ

## ଅଭିଯୋଗ ଶୁଣାଣିରେ ବନ୍ଦ ଦାବିକଲେ ଜିଲା ପରିଷଦ ସଭ୍ୟା, ସରପଞ୍ଚ

ପଟ୍ଟାଙ୍ଗୀ, ୨୦।୬(ଡି.ଏନ୍.ଏ.)

ଠିପିଖୋଲା ବିଦେଶୀ ମଦଦୋକାନକୁ ବିରୋଧକରି କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ପଞ୍ଚାୟତବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଦାବିପତ୍ର ଦେଇଛନ୍ତି। ଅଲେଞ୍ଜିଗୁଡ଼ା, ବଦଲିଗୁଡ଼ା, ଗିର୍ଲିଗୁଡ଼ା, କାତ୍ରାଗୁଡ଼ା ପ୍ରମୁଖ ଗ୍ରାମବାସୀ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ଏବଂ ସରପଞ୍ଚ ଆଲମେ ଫୁଲଙ୍କ ନେତୃତ୍ୱରେ ଯାଇ ଦାବିପତ୍ର ଦେଇଛନ୍ତି। ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ହେଉଥିବା ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କ ଅନୁପସ୍ଥିତରେ ଏଡିଏମ୍ ଜେନେରାଲ ରାଜେନ୍ଦ୍ର ମାଝି ଏବଂ ଉପଜିଲାପାଳ ଲଳିତ କଅଁର ଦାବିପତ୍ର ଗ୍ରହଣ କରିଛନ୍ତି।

ଅଲେଞ୍ଜିଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ଜାତୀୟ ରାଜପଥର ଏକ ଜମିରେ ଠିପିଖୋଲା ମଦଦୋକାନ ପାଇଁ ଘର ତିଆରି ଚାଲିଛି। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଉକ୍ତ ଘର କାମ ବନ୍ଦ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ସେଠାରେ ମଦଦୋକାନ ହେଲେ ଚାଷଜମି ନଷ୍ଟ ହେବ। ଉକ୍ତ ଜମି ପାଖରେ ଗ୍ରାମର ମହିଳାଙ୍କ ପାଇଁ ଗାଧୁଆଘର ରହିଛି। ଉକ୍ତ ରାସ୍ତା ଉପରେ ଗ୍ରାମବାସୀ, ପାଖରେ ଥିବା ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଯିବା ଆସିବା କରନ୍ତି। ମଦଦୋକାନ ସେଠାରେ ହେଲେ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ରର ଏକ ନକଲ ସରପଞ୍ଚ ଆଲମେ ଫୁଲ, ମୁର୍ଜାବତ, ୧ନଂ ୱାର୍ଡ ସଭ୍ୟ ଚଙ୍ଗଡି ପଦନ ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କୁ ଦେଇଛନ୍ତି। ଏ ନେଇ ଅବକାରୀ ଅଧୀକ୍ଷକଙ୍କୁ ପଚାରିବାରୁ ଦାବିପତ୍ର ହସ୍ତଗତ ହୋଇଛି। ଜିଲାପାଳଙ୍କୁ ଜଣାଇବି। ଜିଲା ପ୍ରଶାସନର ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।



ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକ ପ୍ରତିନିଧିମାନେ ଦାବି ଜଣାଉଛନ୍ତି।

